# ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଜଗତସିଂହପୁର ଜିଲ୍ଲା

## ବିଜ୍ଞାପନ

**ସଂଖ୍ୟା :-** ୨୯୩୫ **ତାରିଖ:-** ୦୫-୧୨-୨୦୧୮

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଅଧିକାରୀ, ଜଗତସିଂହପୁରଙ୍କ ଅଧିନରେ ଖାଲିଥିବା ୨୦ (କୋଡିଏ) ଗୋଟି **ପରିଚାରକ (Attendant)** ପଦବୀ ଚୁକ୍ତିଭିତ୍ତିକ ପଦ୍ଧତିରେ ପୂରଣ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି । ତଦନୁଯାୟୀ, ଜିଲ୍ଲାସ୍ତରୀୟ ଜାତିଗତ ସଂରକ୍ଷଣ ଭିତ୍ତିକ ପଦବୀ ପୂରଣ ପାଇଁ ତାଲିକା ନିମ୍ନରେ ପ୍ରଦାନ କରାଗଲା ।

| କ୍ର. ସଂ | ବର୍ଗ | ଖାଲିଥିବା ପଦବୀ ସଂଖ୍ୟା | | |
|---|---|---|---|---|
| | | ପୁରୁଷ | ମହିଳା | ମୋଟ ପଦବୀ |
| ୧ | ଅନୁସୂଚିତ ଜାତି (SC) | ୩ | ୨ | ୫ |
| ୨ | ଅନୁସୂଚିତ ଜନଜାତି (ST) | ୬ | ୩ | ୯ |
| ୩ | ଅଣସଂରକ୍ଷିତ (UR) | ୪ | ୨ | ୬ |
| | ମୋଟ | ୧୩ | ୭ | ୨୦ |

**ବି:ଦ୍ର:- ଉପରୋକ୍ତ ଯେକୌଣସି ବର୍ଗରେ ଉଭୟ ଶାରୀରିକ ଭିନ୍ନକ୍ଷମ (ଦିବ୍ୟାଙ୍ଗ) (P.W.D) ଓ Ex-Serviceman ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ନିମନ୍ତେ ଗୋଟିଏ ଲେଖାଏଁ ପଦବୀ ସରଂକ୍ଷିତ ରହିବ ।**

ଇଚ୍ଛୁକ ଏବଂ ଯୋଗ୍ୟ ପ୍ରାର୍ଥୀ /ପ୍ରାର୍ଥିନୀ, ଜଗତସିଂହପୁର ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ (Chief District Veterinary Officer)ଙ୍କୁ ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ଓ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଆବେଦନ କରିବା ଆବଶ୍ୟକ। ଚୁକ୍ତିଭିତ୍ତିକ ନିଯୁକ୍ତି ସମ୍ବନ୍ଧରେ ଆବଶ୍ୟକୀୟ ସର୍ତ୍ତାବଳୀ ନିମ୍ନରେ ପ୍ରଦାନ କରାଗଲା।

### ଆବଶ୍ୟକୀୟ ଯୋଗ୍ୟତା:-

୧- ପ୍ରାର୍ଥୀ / ପ୍ରାର୍ଥିନୀ, ରାଜ୍ୟ ଶିକ୍ଷା ବିଭାଗ ଦ୍ୱାରା ନିୟନ୍ତ୍ରିତ ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟ/ଅନୁଷ୍ଠାନରୁ ମଧ ଇଂରାଜୀ ବା ତତ୍ତୁଲ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ।

୨- ପ୍ରାର୍ଥୀ / ପ୍ରାର୍ଥିନୀ ଜାତୀୟ ଗୋ-ମହିଷାଦି ପ୍ରଜନନ ପ୍ରକଳ୍ପ (NPCBB) ଅଧିନରେ କୃତ୍ରିମ ପ୍ରଜନନ କରିବାର ତିନି ବର୍ଷର ଅଭିଜ୍ଞତା ଥିବା ଆବଶ୍ୟକ । ପ୍ରକାଶ ଥାଉ କି ଉପର ବର୍ଣ୍ଣିତ ଶିକ୍ଷାଗତ ଯୋଗ୍ୟତା ଓ ଅଭିଜ୍ଞତା ଥିବା ଗୋମିତ୍ର ପ୍ରାର୍ଥୀ / ପ୍ରାର୍ଥିନୀ ମାନେ **ପରିଚାରକ (Attendant)** ନିଯୁକ୍ତି ପ୍ରକ୍ରିୟାରେ ଭାଗ ନେଇପାରିବେ ।

୩- ପ୍ରାର୍ଥୀ/ପ୍ରାର୍ଥିନୀ ଓଡିଆ ଭାଷାରେ କହିବା, ପଢିବା ଓ ଲେଖିବାରେ ସମର୍ଥ ଥିବେ ।

୪- ପ୍ରାର୍ଥୀ / ପ୍ରାର୍ଥିନୀ ଉତ୍ତମ ଚରିତ୍ର ସମ୍ପନ୍ନ ହୋଇଥିବା ଆବଶ୍ୟକ ।

୫- ବିବାହିତ ପ୍ରାର୍ଥୀ / ପ୍ରାର୍ଥିନୀଙ୍କର ଏକାଧିକ ପତ୍ନୀ/ସ୍ୱାମୀ ଜୀବିତ ନଥିବେ ଯାହାକି ବିବାହ ସମ୍ପର୍କିତ ବିଭିନ୍ନ ବ୍ୟକ୍ତିଗତ ଆଇନ ଅନୁସାରେ **ବୈଧ** ହୋଇଥିବା ଆବଶ୍ୟକ ।

୬- ପ୍ରାର୍ଥୀ / ପ୍ରାର୍ଥିନୀ ଭାରତର ନାଗରିକ ଏବଂ ଜଗତସିଂହପୁର ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବେ ।

୭- ସାଧାରଣ ପ୍ରାର୍ଥୀ / ପ୍ରାର୍ଥିନୀ ଙ୍କ ବୟସ ସୀମା ୧୮ ବର୍ଷରୁ ୩୨ ବର୍ଷ (୦୧.୦୧.୨୦୧୮ ସୁଦ୍ଧା) ହୋଇଥିବା ଆବଶ୍ୟକ । ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ପ୍ରାର୍ଥୀ / ପ୍ରାର୍ଥିନୀଙ୍କ କ୍ଷେତ୍ରରେ ସର୍ବୋଚ୍ଚ ବୟସ ସୀମା ଅଧିକ ୫(ପାଞ୍ଚ) ବର୍ଷ କୋହଳ କରାଯିବ । ପ୍ରକାଶ ଥାଉ କି ଉପଯୁକ୍ତ ଯୋଗ୍ୟତା ଥିବା ଗୋମିତ୍ର ପ୍ରାର୍ଥୀ / ପ୍ରାର୍ଥିନୀ ମାନଙ୍କ ନିମନ୍ତେ ସର୍ବୋଚ୍ଚ ବୟସସୀମା ୪୫ ବର୍ଷ ପର୍ଯ୍ୟନ୍ତ କୋହଳ କରାଯିବ ।

## ଶାରୀରିକ ଦକ୍ଷତା:–

୧) ପ୍ରାର୍ଥୀ/ ପ୍ରାର୍ଥିନୀ ଉତ୍ତମ ମାନସିକ ଓ ଶାରିରୀକ ସ୍ୱାସ୍ଥ୍ୟ ସମ୍ପନ୍ନ ହୋଇଥିବା ସହିତ ତାଙ୍କର କାର୍ଯ୍ୟରେ ଅନ୍ତରାୟ ସୃଷ୍ଟି କଲା ଭଳି କୌଣସି ଶାରିରୀକ ତ୍ରୁଟି ନଥିବ ।

୨) ପ୍ରାର୍ଥୀ/ ପ୍ରାର୍ଥିନୀଙ୍କର ଉତ୍ତମ ସ୍ୱାସ୍ଥ୍ୟ ସହିତ ଉଚ୍ଚତା ୫ ଫୁଟ ରୁ କମ୍ ହୋଇନଥିବା ଆବଶ୍ୟକ ।

୩) ପୁରୁଷ ପ୍ରାର୍ଥୀଙ୍କ କ୍ଷେତ୍ରରେ ଅଣସମ୍ପ୍ରସାରିତ ଛାତି ୩୦ (ତିରିଶ) ଇଞ୍ଚ ହୋଇଥିବା ଆବଶ୍ୟକ । ମହିଳା ପ୍ରାର୍ଥିନୀଙ୍କ କ୍ଷେତ୍ରରେ ଛାତିର ମାପ ନିଆଯିବ ନାହିଁ ।

୪) ପ୍ରାର୍ଥୀ/ପ୍ରାର୍ଥିନୀ ମଧ୍ୟ ଭଲ ଭାବରେ ସାଇକେଲ ଚଳାଇ ପାରୁଥିବା ଆବଶ୍ୟକ ।

## ଚୟନ ପ୍ରକ୍ରିୟା:-

୧) ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ ଜିଲ୍ଲା ଚୟନ କମିଟି ଦ୍ୱାରା ପ୍ରତିଯୋଗିତା ମୂଳକ ପରୀକ୍ଷା ମାଧ୍ୟମରେ ଏହି ପରିଚାରକ (Attendant) ପଦବୀ ନିମନ୍ତେ ସିଧାସଳଖ ଚୟନ କରାଯିବ ।

୨) NPCBB ଅଧୀନରେ କୃତ୍ରିମ ପ୍ରଜନନର ଅଭିଜ୍ଞତା ଥିବା ପ୍ରାର୍ଥୀ/ ପ୍ରାର୍ଥିନୀଙ୍କୁ ସର୍ବୋଚ୍ଚ **୫୦ ମାର୍କ** ପର୍ଯ୍ୟନ୍ତ ମିଳିପାରିବ । ଏହି ନମ୍ବର ମଧ୍ୟରୁ କ୍ରମାଗତ ଭାବରେ ୩ ବର୍ଷ ର ଅଭିଜ୍ଞତା ନିମନ୍ତେ ୩୦ ମାର୍କ ଏବଂ ଏହା ଠାରୁ ଅଧିକ ଅଭିଜ୍ଞତା ନିମନ୍ତେ ବାର୍ଷିକ ୫ ମାର୍କ ହିସାବରେ ଅଧିକ ମାର୍କ ମିଳି ସର୍ବୋଚ୍ଚ ୫୦ ମାର୍କ ମଧ୍ୟରେ ସୀମିତ ରହିବ ।

୩) ଅବଶିଷ୍ଟ **୫୦** ମାର୍କର ଲିଖିତ ପରୀକ୍ଷା ଦ୍ୱାରା ପ୍ରାର୍ଥୀ/ପ୍ରାର୍ଥିନୀଙ୍କର ଓଡିଆ ପଠନ ଓ ଲିଖନ ଦକ୍ଷତା ଆକଳନ କରାଯିବ ।

## ବିଶେଷ ଦ୍ରଷ୍ଟବ୍ୟ:-

୧- ନିର୍ଦ୍ଧାରିତ ଫର୍ମ ଅନୁଯାୟୀ ଆବେଦନ ପତ୍ର ଏବଂ ଆବଶ୍ୟକୀୟ ପ୍ରମାଣ ପତ୍ରର ଅବିକଳ ନକଲ (Self- Attested) ସହ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଜଗତସିଂହପୁର (Chief District Veterinary Officer, Jagatsinghpur)ଙ୍କ କାର୍ଯ୍ୟାଳୟରେ ଡାକ ଦ୍ୱାରା ଦାଖଲ କରିପାରିବେ କିମ୍ବା ବ୍ୟକ୍ତିଗତ ଭାବେ ମଧ୍ୟ ଦାଖଲ କରି ଦାଖଲ କରିଥିବା ସମସ୍ତ କାଗଜର ପ୍ରାପ୍ତି ସ୍ୱୀକାର ରସିଦ୍ ନେଇପାରିବେ। ଦରଖାସ୍ତ ପଠାଇବା ଲଫାପା ଉପରେ "ଚୁକ୍ତି ଭିତ୍ତିକ **ପରିଚାରକ (Attendant) ପଦବୀ** ପାଇଁ ଦରଖାସ୍ତ" ବୋଲି ଉଲ୍ଲେଖ କରିବା ଆବଶ୍ୟକ ।

୨- ପ୍ରକାଶ ଥାଉ କି, କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନକୁ ବାତିଲ କରିବାର ଅଧିକାର ନିମ୍ନସ୍ୱାକ୍ଷରକାରୀଙ୍କର ରହିଅଛି ।

# ଦରଖାସ୍ତ ଫର୍ମ

## (ଦରଖାସ୍ତ କେବଳ ଆବେଦନକାରୀଙ୍କ ଦ୍ୱାରା ପୂରଣ ହେବ)

୧. ପ୍ରାର୍ଥୀ / ପ୍ରାର୍ଥିନୀଙ୍କ ନାମ-

୨. ପିତା/ସ୍ୱାମୀଙ୍କ ନାମ-

୩. ସ୍ଥାୟୀ ଠିକଣା-

୪. ଯୋଗାଯୋଗ ଠିକଣା-

୫. ମୋବାଇଲ ନଂ -

୬. ଜାତୀୟତା-

୭. ଜନ୍ମ ତାରିଖ-

୮. ୦୧.୦୧.୨୦୧୮ ସୁଦ୍ଧା ପ୍ରାର୍ଥୀ / ପ୍ରାର୍ଥିନୀଙ୍କ ବୟସ-

୯. ଶିକ୍ଷାଗତ ଯୋଗ୍ୟତା-

୧୦. ଉଚ୍ଚତା- ଛାତି ଅଣସଂପ୍ରସାରିତ – (କେବଳ ପୁରୁଷ ପ୍ରାର୍ଥୀଙ୍କ ନିମନ୍ତେ)

୧୧. ଜାତି (SC/ST/SEBC/UR) -

୧୨. ବିବାହିତ /ଅବିବାହିତ-

୧୩. ପୁରୁଷ/ମହିଳା –

୧୪. କର୍ମନିଯୋଜନ ସଂସ୍ଥାରେ ପଞ୍ଜୀକୃତ କରିଥିବା କ୍ରମିକ ନଂ. ଓ ତାରିଖ -

ପାସପୋର୍ଟ ଫଟୋ

ମୁଁ ଏତଦ୍ୱାରା ଘୋଷଣା କରୁଅଛି ଯେ, ମୋ ଦ୍ୱାରା ଦିଆଯାଇଥିବା ଉପର ଲିଖିତ ସମସ୍ତ ତଥ୍ୟ ସତ୍ୟ ଓ ନିର୍ଭୁଲ ଅଟେ।

ତାରିଖ

ଆବେଦନକାରୀଙ୍କ ସ୍ୱାକ୍ଷର

ଆବେଦନ ପତ୍ର ସହ ଦାଖଲ କରିବାକୁ ଥିବା ପ୍ରମାଣ ପତ୍ର :-

୧. ନିଜର ଦୁଇଗୋଟି ଆଟେଷ୍ଟେଡ୍ ହୋଇଥିବା ପାସପୋର୍ଟ ସାଇଜ ଫଟୋଗ୍ରାଫ । ତନ୍ମଧ୍ୟରୁ ଏକ ଗୋଟି ଫଟୋଗ୍ରାଫ ଦରଖାସ୍ତ ଫର୍ମ ଉପରେ ଦିଆଯାଇଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ଅଠା ଦେଇ ସଂଲଗ୍ନ କରାଯିବା ଆବଶ୍ୟକ । ଅନ୍ୟଟି ଦରଖାସ୍ତ ସହିତ ସଂଯୋଗ କରିବାକୁ ହେବ ।

୨. ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ରର ଆଟେଷ୍ଟେଡ୍ ନକଲ ।

୩. ସ୍ଥାନୀୟ ତହସିଲଦାରଙ୍କ ଠାରୁ ଉପଯୁକ୍ତ ସ୍ଥାୟୀ ବାସିନ୍ଦାର ପ୍ରମାଣ ପତ୍ରର ଆଟେଷ୍ଟେଡ୍ କପି ।

୪. କର୍ମନିଯୋଜନ ସଂସ୍ଥାରେ ପଞ୍ଜୀକୃତ କାର୍ଡର ଆଟେଷ୍ଟେଡ୍ କପି ।

୫. ଜାତିଗତ ପ୍ରମାଣ ପତ୍ରର ଆଟେଷ୍ଟେଡ୍ କପି । (ଅନୁସୂଚିତ ଜାତି (SC)/ ଅନୁସୂଚିତ ଜନଜାତି (ST)ଙ୍କ ନିମନ୍ତେ)

୬. ଦୁଇଗୋଟି ଚରିତ୍ର ପ୍ରମାଣ ପତ୍ର ଭିନ୍ନ ଭିନ୍ନ ଗେଜେଟେଡ୍ ଅଫିସରଙ୍କ ଠାରୁ ଯେ କି ପ୍ରାର୍ଥୀ / ପ୍ରାର୍ଥିନୀଙ୍କ ସଂପର୍କୀୟ ହୋଇନଥିବେ

୭. ଉପଯୁକ୍ତ ଅଧିକାରୀଙ୍କ ଠାରୁ କୃତ୍ରିମ ପ୍ରଜନନ କାର୍ଯ୍ୟର ସମ୍ପୂର୍ଣ୍ଣ ଅଭିଜ୍ଞତାର ପ୍ରମାଣ ପତ୍ରର ଆଟେଷ୍ଟେଡ୍ କପି ।

ଆବେଦନ ପତ୍ର ଦାଖଲ କରିବାର ଶେଷ ତାରିଖ :- **୧୫-୧୨-୨୦୧୮ (ଅପରାହ୍ନ ୫ ଘଟିକା ସୁଦ୍ଧା)**

ବି.ଦ୍ର.:- ନିର୍ଦ୍ଧାରିତ ଶେଷ ତାରିଖର ଅପରାହ୍ନ ୫ ଘଟିକା ସମୟ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ଅସମ୍ପୂର୍ଣ୍ଣ ଦରଖାସ୍ତ/ ଆବଶ୍ୟକୀୟ ପ୍ରମାଣ ପତ୍ର (Self-Attested Copy)ନ ଥାଇ ଦାଖଲ ହୋଇଥିବା ଦରଖାସ୍ତ ଗୁଡିକ ନାକଚ ହୋଇଯିବ ।

**ସ୍ୱା /- ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଜଗତସିଂହପୁର**